# ଗଣେଶ୍ୱର ମିଶ୍ର

ଜନ୍ମ: ତା. ୧୯୪୨

ଉପନ୍ୟାସ, ଗଳ୍ପ, ଅନୁବାଦ, କବିତା ଓ ଶିଶୁ ସାହିତ୍ୟରେ ଗଣେଶ୍ୱର ମିଶ୍ରଙ୍କ ସଫଳତା ସ୍ୱୀକୃତ । ସୃଜନଶୀଳ ସାହିତ୍ୟ ସୃଷ୍ଟି ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଉତ୍କଳ ସମ୍ମାନ ପୁରସ୍କାର ପ୍ରଭୃତି ଲାଭ କରିଛନ୍ତି ।

**ଗଣେଶ୍ୱର ମିଶ୍ର ସୃଷ୍ଟି ସମୀକ୍ଷା,** ମୂଲ୍ୟ: ୧୦୦/-

ସମକାଳୀନ ଓଡ଼ିଆ ସାହିତ୍ୟର ଅନ୍ୟତମ ପ୍ରତିଷ୍ଠିତ ଲେଖକ ଗଣେଶ୍ୱର ମିଶ୍ରଙ୍କ ସାହିତ୍ୟ କୃତିର ମୂଲ୍ୟାୟନ "ଗଣେଶ୍ୱର ମିଶ୍ର ସୃଷ୍ଟି ସମୀକ୍ଷା' ପୁସ୍ତକର ବିଷୟବସ୍ତୁ । ଏଥିରେ ବହୁ ସମାଲୋଚକ ଗଣେଶ୍ୱର ମିଶ୍ରଙ୍କ ଉପନ୍ୟାସ, ଗଳ୍ପ, ଫିଚର, ଭ୍ରମଣ କାହାଣୀ, ଅନୁବାଦ ତଥା ଶିଶୁ ସାହିତ୍ୟ ସଂପର୍କରେ ସେମାନଙ୍କ ମନ୍ତବ୍ୟ ଓ ଆଲୋଚନା ସ୍ଥାନିତ କରିଛନ୍ତି। ଏଥି ସହିତ ଗଣେଶ୍ୱର ମିଶ୍ରଙ୍କ ଜୀବନପଞ୍ଜି, ପୁସ୍ତକ ତାଲିକା, ସାକ୍ଷାତକାର ମଧ ଅନ୍ତର୍ଭୁକ୍ତ କରାଯାଇଛି । ପୁସ୍ତକର ସମ୍ପାଦକ ଶ୍ରୀଯୁକ୍ତ ନାରାୟଣ ସାହୁ ଜଣେ ପ୍ରତିଷ୍ଠିତ ନାଟ୍ୟକାର ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ପ୍ରଫେସର ।

**ନୂତନ ମାଟିର ସ୍ପର୍ଶ ,** ମୂଲ୍ୟ: ୧୦୦/-

ଗଣେଶ୍ୱର ମିଶ୍ରଙ୍କ "ନୂତନ ମାଟିର ସ୍ପର୍ଶ' ଏକ ଅନବଦ୍ୟ ଭ୍ରମଣ କାହାଣୀ । ନିଜ ପରିଚିତ ଅଞ୍ଚଳ ବାହାରେ କୌଣସି ଏକ ନୂତନ ସ୍ଥାନରେ କିଛି ସମୟ ଅତିବାହିତ କରିବାର ଅନୁଭୂତି ଏ ପୁସ୍ତକର ବିଷୟବସ୍ତୁ । ଭ୍ରମଣର ଇଲାକା: ଭାରତ, ବିଶେଷତଃ ଓଡ଼ିଶା ତଥା ଓଡ଼ିଆଭାଷୀ ଅଞ୍ଚଳର କେତେକ ଗ୍ରାମ ଓ ସହର ।